## ତିନିଥର ଜମି ଅଧିଗ୍ରହଣ ପରେ ବି ନିଯୁକ୍ତି ପୁନର୍ବାସ ଅପୂର୍ଣ୍ଣ

# ଆନ୍ଦୋଳନସ୍ଥଳରେ ମହିଳାଙ୍କ ସୁଦଶାବ୍ରତ ପାଳନ

କଣିହାଁ,୨୭ ।୨(ସମିସ)

କଣିହାଁ ଗ୍ରାମର ଜମିହରା ପ୍ରଜାଙ୍କ ନିଯୁକ୍ତି ଓ ପୁନର୍ବାସ ଦାବିରେ କଣିହାଁ ଖୋଲା କୋଇଲା ଖଣି ଟାଇମ ଅଫିସସ୍ଥିତ ଖଣିର ମୁଖ୍ୟ ଫାଟକଠାରେ ଗତ ୭୧ ଦିନ ଧରି ଆନ୍ଦୋଳନ ଜାରି ରହିଛି। ଓଡ଼ିଆ ପରମ୍ପରା ଅନୁସାରେ ମା' ଲକ୍ଷ୍ମୀଙ୍କ ମହାବ୍ରତ "ସୁଦଶାବ୍ରତ' ଅବସରରେ ଗୁରୁବାର ଗ୍ରାମର ୮୦ ପରିବାରର ମହିଳା

## ଏମସିଏଲ ଓ ପ୍ରଶାସନକୁ ତୀବ୍ର ସମାଲୋଚନା



ଆନ୍ଦୋଳନସ୍ଥଳରେ ବ୍ରତ ପାଳନ କରିଛନ୍ତି। ଏହି ଘଟଣା ଜମିହରା ପ୍ରଜାଙ୍କ ଦୀର୍ଘଦିନର ଅସନ୍ତୋଷକୁ ପୁନର୍ବାର ସାମ୍ନାକୁ ଆଣିଛି।

ପ୍ରଜାଙ୍କ ଅଭିଯୋଗ ଯେ ଏମସିଏଲ କଣିହାଁ କୋଇଲାଖଣି ପକ୍ଷରୁ ଓ ସ୍ଥାନୀୟ ପ୍ରଶାସନ ଦ୍ୱାରା ବାରମ୍ବାର ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ନିଯୁକ୍ତି ଓ ପୁନର୍ବାସ ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ। କଣିହାଁ ଗ୍ରାମବାସୀଙ୍କ ଜମି ପ୍ରଥମେ ୧୯ ୯ ୫ ମସିହାରେ ଏବଂ ପୁନର୍ବାର ୨୦୦୬ରେ କୋଲ ବେରିଂ ଆଇନ ଅନୁସାରେ ଅଧିଗ୍ରହଣ ହୋଇଥିଲା। ତୃତୀୟଥର ୨୦୧୪ରେ ଭାରତ ସରକାରଙ୍କ ନୂତନ ଭୂମି ଅଧିଗ୍ରହଣ ଆଇନ ଅନୁସାରେ ଜମି ନିଆଯାଇଥିଲା। ଏହି ଆଇନରେ ଜମିହରା ପ୍ରଜାଙ୍କ ପାଇଁ ନ୍ୟାୟସଙ୍ଗତ କ୍ଷତିପୂରଣ, ପରିବାର ପ୍ରତି ନିଯୁକ୍ତି, ପୁନର୍ବାସ ଓ ପୁନସ୍ଥାପନ ସୁବିଧା, ଆବାସ ଓ ମୌଳିକ ସୁବିଧା ସୁନିଶ୍ଚିତ କରିବା ବ୍ୟବସ୍ଥା ରହିଛି। ତଥାପି, ଏହି ବ୍ୟବସ୍ଥାଗୁଡ଼ିକର ସଠିକ୍ ପ୍ରୟୋଗ ହୋଇନାହିଁ। ଆନ୍ଦୋଳନସ୍ଥଳରେ ସୁଦଶା ବ୍ରତ ପାଳନ କରି ଜମିହରା ପରିବାରର ମହିଳାମାନେ ଅଭିନବ ପ୍ରତିବାଦ କରିଛନ୍ତି। ଗ୍ରାମର କୁନି ସାହୁ, ସୁକାନ୍ତି ସାହୁ, ତାମିନି ସାହୁ, ସରସ୍ୱତୀ ସାହୁ, କୁମୁଦିନୀ ସାହୁ, ମମତା ମାଝି, ରୀନା ନାଏକ, ପ୍ରମିଳା ନାଏକ, ମେଘି ନାଏକ, ସୁମିତ୍ରା ନାଏକ, ମମତା ନାଏକ, ସୁରତୀ ନାଏକ, ସୁଲୋଚନା ନାଏକ, ଶୁଭା ନାଏକ, ସୁନିତା ନାଏକ, ବାସନ୍ତି ନାଏକ, ବିଷ୍ଣୁ ନାଏକ, ଦୋଳଗୋବିନ୍ଦ ସାହୁ, ଦୁଃଶାସନ ସାହୁ, ଅନାଦି ସାହୁ, ଅନିରୁଦ୍ଧ ନାଏକ, ସୂର୍ଯ୍ୟକାନ୍ତ ନାଏକ, ନବକିଶୋର ନାଏକ, ଅଲେଖ ନାଏକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ତୁରନ୍ତ ନିଯୁକ୍ତି, କ୍ଷତିପୂରଣ ଓ ପୁନର୍ବାସ ବ୍ୟବସ୍ଥା କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ରୂପ ନେବ ବୋଲି ଚେତାବନୀ ଦେଇଛନ୍ତି।

## ପୁଲିସ ଅଧିକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ପାଲଲହଡ଼ା,୨୭ ।୨(ସମିସ): ଅନୁଗୋଳ ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଉପଖଣ୍ଡର ସମସ୍ତ ପୁଲିସ ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଏସ୍‌ଡିପିଓ କାର୍ଯ୍ୟାଳୟ, ପାଲଲହଡ଼ା ଥାନା, ଖମାର ଥାନା, ପାଲଲହଡ଼ା କୋଷାଗାର ଏବଂ ଏସଡିଜେଏମ କୋର୍ଟରେ ନିୟୋଜିତ ସମସ୍ତ ପୁଲିସ ଅଧିକାରୀ ଏବଂ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିରେ ମୋଟ ୭୮ ପୁଲିସ କର୍ମଚାରୀ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିବା ଏସ୍‌ଡିପିଓ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ପାଲଲହଡ଼ା ଥାନା ଅଧିକାରୀ ପ୍ରଦୀପ କୁମାର ମହନ୍ତ, ଖମାର ଥାନା ଅଧିକାରୀ ଅରୁଣ କୁମାର ପଣ୍ଡା ପ୍ରମୁଖଙ୍କ ନେତୃତ୍ୱରେ ଶିବିର ହୋଇଥିଲା। ଉପଖଣ୍ଡ ଚିକିତ୍ସା ଅଧିକାରୀ ବିଶ୍ୱନାଥ ମୁର୍ମୁ ଏବଂ ବରିଷ୍ଠ ଡାକ୍ତର ଦିଲୀପ କୁମାର ଭୋଇଙ୍କ ନେତୃତ୍ୱରେ ଡାକ୍ତରୀ ଦଳ ସ୍ୱାସ୍ଥ୍ୟ ପରକ୍ଷା କରିଥିଲେ।

## ଅସୁସ୍ଥ ମାଙ୍କଡ଼ ଉଦ୍ଧାର



ଅନୁଗୋଳ,୨୭ ।୨(ସମିସ): ବଅଁରପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବସିଥିବା ଏକ ଅସୁସ୍ଥ ମାଙ୍କଡ଼କୁ ଗୁରୁବାର ଅପରାହ୍ନରେ ବନ ବିଭାଗ ଉଦ୍ଧାର କରିଛି। ଅସୁସ୍ଥ ମାଙ୍କଡ଼ ସମ୍ପର୍କରେ ଅପରାହ୍ନ ପ୍ରାୟ ସାଢ଼େ ୧ଟାରେ ଜଣେ ଦିଲୀପ ସାମଲ ତାଳଚେର ରେଞ୍ଜ ଅଫିସରଙ୍କୁ ସୂଚନା ଦେଇଥିଲେ। ବନ ବିଭାଗ ପକ୍ଷରୁ ଏ ନେଇ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ୟୁନିଟ ମୁଖ୍ୟ ପ୍ରଦୀପ କୁମାର ସିଂହଙ୍କୁ ଖବର ଦିଆଯାଇଥିଲା। ପ୍ରଦୀପ ନିଜ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମାଙ୍କଡ଼ର ତୁରନ୍ତ ଚିକିତ୍ସା କରିଥିଲେ। ପରେ ମାଙ୍କଡ଼କୁ ତାଳଚେର ରେଞ୍ଜ ଅଫିସ ପରିସରକୁ ଅଣାଯାଇଛି। ଉଦ୍ଧାରକାରୀ ଦଳରେ ରେଞ୍ଜ ଅଫିସର ଚାରୁଲତା ନାୟକ, ଫରେଷ୍ଟର କୁଶଧ୍ୱଜ ନାୟକ, ହାତୀ ସ୍କ୍ୱାଡ୍‌ର ସମୟ ମାଝୀ, ଗଜମିତ୍ର ରଞ୍ଜିତ ସିଂହ ପ୍ରମୁଖ ସାମିଲ ଥିଲେ।

## ନିଶାମୁକ୍ତ ଭାରତ ଅଭିଯାନ ସଚେତନତା କର୍ମଶାଳା



ଅନୁଗୋଳ,୨୭ ।୨(ସମିସ): ଜିଲ୍ଲା ପ୍ରଶାସନ ତରଫରୁ "ନିଶାମୁକ୍ତ ଭାରତ ଅଭିଯାନ' ଅଧୀନରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ରଥ ସହ ପଦଯାତ୍ରା ଆୟୋଜନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ପରେ ସଭାଘରଠାରେ ଆୟୋଜିତ ସାଧାରଣ ସଭାରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଯୋଗଦେଇ ନିଶାମୁକ୍ତ ଭାରତ ଅଭିଯାନରେ କିଶୋରମାନଙ୍କ ସଚେତନତା ଅତ୍ୟନ୍ତ ଆବଶ୍ୟକ ବୋଲି ଉଲ୍ଲେଖ କରି ସମସ୍ତ ଛାତ୍ରଛାତ୍ରୀଙ୍କୁ ନିଶାଠାରୁ ଦୂରରେ ରହିବା ସହ ନିଜ ବନ୍ଧୁମାନଙ୍କୁ ମଧ୍ୟ ଏଥିରୁ ଦୂରରେ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମାନସ ରଞ୍ଜନ ଭଞ୍ଜ ସଭା ପରିଚାଳନା କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନୀଷ ଏକ୍କା, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଧନଞ୍ଜୟ ବେହେରା, ଏବିଡିଓ ଦୋଳଗୋବିନ୍ଦ ବିଶ୍ୱାଳ, ଅବକାରୀ ଉପ ଅଧୀକ୍ଷକ ଧୀରେନ କୁମାର ବେହେରାଙ୍କ ସମେତ ସ୍ୱେଚ୍ଛାସେବୀ ସଂଗଠନ ପ୍ରତିନିଧି ଉପସ୍ଥିତ ଥିଲେ।

## ଜଗନ୍ନାଥ ଖଣିରେ ଦୁର୍ଘଟଣା; ଶ୍ରମିକ ମୃତ



ତାଳଚେର,୨୭ ।୨(ସମିସ): ତାଳଚେର ବ୍ଲକ ଅନ୍ତର୍ଗତ ଜଗନ୍ନାଥ କୋଇଲା ଖଣିରେ ଦୁର୍ଘଟଣାରେ ଶୁକ୍ରବାର ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସନ୍ଥପଡ଼ା ପଞ୍ଚାୟତ ନୂଆପଡ଼ା ଗ୍ରାମର ଏମସିଏଲ କର୍ମଚାରୀ ପବିତ୍ରମୋହନ ଭୂତିଆ। ଜଗନ୍ନାଥ ଖଣି ଟାଇମ ଅଫିସ ନିକଟରେ ଟ୍ରକ ଧକ୍କାରେ ତାଙ୍କ ମୃତ୍ୟୁ ହୋଇଛି। ଏ ନେଇ ଶ୍ରମିକ ମହଲରେ ଉତ୍ତେଜନା ପ୍ରକାଶ ପାଇଛି। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ପହଞ୍ଚି ଘରଣାର ଅନୁଧ୍ୟାନ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ପବିତ୍ରଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଓ ଅନ୍ୟାନ୍ୟ ସହାୟତା ଯୋଗାଇ ଦେବାକୁ ଏମସିଏଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ୍ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମଣ୍ଡାପାଳ ଡାକ୍ତରଖାନା ପଠାଇବା ସହ ତଦନ୍ତ କରୁଛି।

## ■ ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା

# ଦୋଷୀକୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

ଅନୁଗୋଳ,୨୭ ।୨(ସମିସ): ବର୍ଷକ ତଳେ ଜଣେ ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାର କରି ଆଡ୍‌ହକ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ଦୋଷୀକୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକ ରାୟରେ ଉଲ୍ଲେଖ କରିଛନ୍ତି। ଦଣ୍ଡିତ ବ୍ୟକ୍ତି ହେଲେ ଖୋର୍ଦ୍ଧା ଥାନା ତୋଟାପଡ଼ା ଗ୍ରାମର ସୁଶାନ୍ତ ନାୟକ (୩୬)। ୨୦୨୫ ଫେବୃଆରୀରେ ଅନୁଗୋଳ ଥାନା ଅଞ୍ଚଳର ଜଣେ ନାବାଳିକା ନିଖୋଜ ହୋଇଥିବା ପରିବାର ପକ୍ଷରୁ ଅନୁଗୋଳ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରିଥିଲା। ପୁଲିସ ଏହି ମାମଲାରେ ତଦନ୍ତ କରି ନାବାଳିକାଙ୍କୁ ଖୋର୍ଦ୍ଧାରୁ ଉଦ୍ଧାର କରିବା ସହ ନାବାଳିକାଙ୍କୁ ଅପହରଣ କରିଥିବା ସୁଶାନ୍ତଙ୍କୁ ଗିରଫ କରି ଅନୁଗୋଳ ଆଣିଥିଲା। ତଦନ୍ତ ପରେ ସୁଶାନ୍ତ ନାବାଳିକା ସହ ଦୁଷ୍କର୍ମ କରିଥିବା ପୁଲିସ ସ୍ପଷ୍ଟ ହୋଇଥିଲା। ପରେ ସୁଶାନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଶୁକ୍ରବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ୯ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ପ୍ରମାଣକୁ ଆଧାର କରି ବିଚାରପତି ବିରଞ୍ଚି ନାରାୟଣ ମିଶ୍ର ସୁଶାନ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସ୍ୱତନ୍ତ୍ର ସରକାରୀ ଓକିଲ (ଫାଷ୍ଟ ଟ୍ରାକ କୋର୍ଟ) ରଞ୍ଜନ ପାତ୍ର ଏହି ମାମଲା ପରିଚାଳନା କରୁଥିଲେ।

## ଜିଲ୍ଲାସ୍ତରୀୟ ଗ୍ରାମାଞ୍ଚଳ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଚାମ୍ପିଅନ କାଇଁଶିରିପାଳି ଦଳକୁ ସମ୍ବର୍ଦ୍ଧନା



ପାଲଲହଡ଼ା,୨୭ ।୨(ସମିସ): ଅନୁଗୋଳ ଜିଲ୍ଲା ସଦରମହକୁମାଠାରେ ଆୟୋଜିତ ଗ୍ରାମାଞ୍ଚଳ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ପାଲଲହଡ଼ା ଉପଖଣ୍ଡ କାଇଁଶିରିପାଳି ଦଳ ଚାମ୍ପିଅନ ହୋଇଥିଲା। ଏଥିପାଇଁ ପାଲଲହଡ଼ା ସଦରମହକୁମାସ୍ଥିତ ନେପାଳ କିଂ ମାର୍କେଟ କମ୍ପ୍ଲେକ୍ସସ୍ଥିତ ଜେଲିଓ ଇଭି ଶୋ'ରୁମ ଗିଅର ଅନ ପକ୍ଷରୁ ସ୍ୱତନ୍ତ୍ର ସଭା ଆୟୋଜନ କରାଯାଇ ଚାମ୍ପିଅନ ଦଳର ସମସ୍ତ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶୋ'ରୁମର ସତ୍ତ୍ୱାଧିକାରୀ ଦିବ୍ୟକିଶୋର ଗଡ଼ନାୟକଙ୍କ ପୌରୋହିତ୍ୟରେ ସଭା ହୋଇଥିଲା। ଏଥିରେ ବରିଷ୍ଠ ସାମ୍ବାଦିକ ରଘୁନନ୍ଦନ ଆଚାର୍ଯ୍ୟ, ତ୍ରିଲୋକ ରଞ୍ଜନ ପାଳ, ଅଜିତ ଖୁଣ୍ଟିଆ, କନିଷ୍ଠ ଯନ୍ତ୍ରୀ ଲାଲମୋହନ ମାର୍ଣ୍ଡି, ସଞ୍ଜୟ ସାହୁ, ବିଶିଷ୍ଟ ବ୍ୟବସାୟୀ ପୁଷ୍ପରାଜ ପ୍ରଧାନ, ଅର୍ଜୁନ ମାଝି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ସମ୍ମାନିତ କରିଥିଲେ।

## ଜରାସିଂହା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ; ବୌଦ୍ଧ ବିଜୟୀ



କୁଇଓ,୨୭ ।୨(ସମିସ): ଜରାସିଂହା ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଦ୍ୱିତୀୟ ଗ୍ରୁପ୍‌ର ଦ୍ୱିତୀୟ ଲିଗ୍ ମ୍ୟାଚ୍ ବୌଦ୍ଧ ସ୍ପୋର୍ଟସ କ୍ଲବ ଓ ବନମାଳୀ ପ୍ରସାଦ ଫୁଟବଲ୍ କ୍ଲବ୍ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହୋଇଛି। ବୌଦ୍ଧ ସ୍ପୋର୍ଟସ କ୍ଲବ୍ ୧-୦ ଗୋଲ୍‌ରେ ବିଜୟୀ ହୋଇଛି। ମୁଖ୍ୟଅତିଥି ଭାବେ ଅନୁଗୋଳର ସମାଜସେବୀ ସୌମ୍ୟରଞ୍ଜନ ସାହୁ, ସମ୍ମାନିତ ଅତିଥି ଭାବେ ରାଜ୍ୟ କୃଷକ ସେଲ ଉପସଭାପତି ଉମେଶ ଚନ୍ଦ୍ର ସାହୁ, ଜରାସିଂହା (ପୁରୁଣା ସାହି) ଗ୍ରାମ୍ୟ କମିଟି ସମ୍ପାଦକ ପବିତ୍ର ମୁଦୁଲି, ସମାଜସେବୀ ପବିତ୍ର ମୋହନ ଦାସ, ପୂର୍ବତନ ଖେଳ ଶିକ୍ଷକ ହୃଦାନନ୍ଦ ପଣ୍ଡା, ଜରାସିଂହା ଗ୍ରାମ୍ୟ କମିଟି କର୍ମକର୍ତ୍ତା ସମେତ ଜରାସିଂହା ୟୁଥ୍ କ୍ଲବ୍, କୋଣାର୍କ କ୍ଲବ୍ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବସନ୍ତ ଦାସ, ଧନେଶ୍ୱର ସର୍ଦ୍ଦାର ଖେଳ ପରିଚାଳନା କରିଥିଲେ। ପ୍ରଫୁଲ୍ଲ ଘଡ଼େଇ, ହେମନ୍ତ ପ୍ରଧାନ, ବୀଣାପାଣି ବେରୁଆ, ବାସୁଦେବ ସାହୁ ସହଯୋଗ କରିଥିଲେ।

## ଅନୁଗୋଳ ନଗର କଂଗ୍ରେସର ଦାବିପତ୍ର ପ୍ରଦାନ



ଅନୁଗୋଳ,୨୭ ।୨(ସମିସ): ସହରର ବିଭିନ୍ନ ସମସ୍ୟା ନେଇ ଅନୁଗୋଳ ନଗର କଂଗ୍ରେସ ସଭାପତି ରଶ୍ମିରଞ୍ଜନ ସାହୁଙ୍କ ନେତୃତ୍ୱରେ ଶୁକ୍ରବାର ଅନୁଗୋଳ ପୌର ପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସହରର ପ୍ରତ୍ୟେକ ଜଳାଶୟର ବିକାଶ, ନବୀକରଣ ଏବଂ ସ୍ୱଚ୍ଛତା ବଜାୟ ରଖିବା, ଗ୍ରୀଷ୍ମ ପୂର୍ବରୁ ପ୍ରତ୍ୟେକ ଥଣ୍ଡା ପାନୀୟ ଜଳ ପ୍ରକଳ୍ପକୁ ବ୍ୟବହାର ଉପଯୋଗୀ କରିବା ସହ ପ୍ରତ୍ୟେକ ୱାର୍ଡରେ ୨ରୁ ଅଧିକ ଅସ୍ଥାୟୀ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ, ଉଠା ଦୋକାନୀକୁ ପ୍ରଥମେ ଥଇଥାନ ଓ ପରେ ଉଚ୍ଛେଦ, ଉଠା ଦୋକାନୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଭେଣ୍ଡିଂ ଜୋନ୍ ପ୍ରଦାନ, ସହରରେ ବୁଲା ଗୋରୁ, କୁକୁର, ଘୁଷୁରି ଆଦିଙ୍କ ପାଇଁ ଗୋଶାଳା, ଆଶ୍ରୟସ୍ଥଳୀ ନିର୍ମାଣ, ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ସହରରେ ଅତି କମରେ ୧୦ଟି ଦେୟମୁକ୍ତ ପାର୍କିଂ ସ୍ଥାନ ନିର୍ମାଣ, ରାଜା ସୋମନାଥ ସିଂ ଛକରୁ ବଜାର ଛକ, ହରିମହୁରୀ ଛକ ମଧ୍ୟରେ ମୁଖ୍ୟ ରାସ୍ତା ପାର୍ଶ୍ୱରେ ମହିଳା ଓ ପୁରୁଷଙ୍କ ପାଇଁ ଅତି କମରେ ୫ଟି ଦେୟମୁକ୍ତ ସୁଲଭ ଶୌଚାଳୟ ନିର୍ମାଣ କରିବାକୁ ଦାବି କରାଯାଇଛି। ଦାବିଗୁଡ଼ିକ ଶୀଘ୍ର ପୂରଣ କରା ନ ଗଲେ ଦଳ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ବଳବୀର ସିଂ, ପୂର୍ବତନ ଅନୁଗୋଳ ନଗର କଂଗ୍ରେସ ସଭାପତି ସୁଦୀପ୍ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ଧର୍ମେନ୍ଦ୍ର ନାଥ ମିଶ୍ର, ଅଳକାରାଣୀ ମହାପାତ୍ର, ସଞ୍ଜୀବ୍ କୁମାର ମାଣ୍ଡୋଠିଆ, ଅରୁଣ କୁମାର ଦାସ, ଅନୁଗୋଳ ବ୍ଲକ ସଭାପତି ରାକେଶ ମିଶ୍ର, ସଂଗ୍ରାମ ବେହେରା, ଜ୍ୟୋତିପ୍ରକାଶ ମିଶ୍ର, ରାକେଶ ସାହୁ, ଧ୍ରୁବଚରଣ ନାଏକ, ହେମନ୍ତ ମହାଲିକ, ପ୍ରତାପ ସେଠୀ, ପ୍ରମୁଖ ଉପସ୍ଥିତ ଥିଲେ।

## ବଜାଜ୍ ସୁନାବନ୍ଧକ ଶାଖା ଉଦଘାଟିତ



ବଅଁରପାଳ,୨୭ ।୨(ସମିସ): ବଅଁରପାଳ ଥାନା ପାଖ ସିମିଳି ସାହି ଜାତୀୟ ରାଜପଥ ପାଖରେ ଗତ ଗୁରୁବାର ବଜାଜ୍ ସୁନା ବନ୍ଧକ ଶାଖା ଉଦଘାଟିତ ହୋଇଛି। ନୂଆହତା ପଞ୍ଚାୟତର ସାମାଜସେବୀ ଅଶୋକ କୁମାର ଧିର ଏହାକୁ ଉଦଘାଟନ କରିଥିଲେ। ଏହି ବଜାରରେ ପୂର୍ବରୁ ଆଉ ୨ଟି ସୁନା ବନ୍ଧକ ଶାଖା ଥିବା ବେଳେ ବ୍ୟବସାୟକୁ ଦୃଷ୍ଟିରେ ରଖି ବଜାଜ ତା'ର ଶାଖା ବଅଁରପାଳରେ ଖୋଲିଛି। ଗ୍ରାହକଙ୍କ ଆବଶ୍ୟକତା ପୂରଣ ପାଇଁ ଏହି ଶାଖା ସୁନା ବନ୍ଧକ ରଖି କମ୍ ସୁଧରେ ଲୋକଙ୍କୁ ଋଣ ଯୋଗାଇଦେବ ବୋଲି ଶାଖା ପରିଚାଳକ ଜ୍ୟୋତିରଞ୍ଜନ ସାହୁ କହିଛନ୍ତି। ଉଦଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶାଖା କର୍ମଚାରୀ ପ୍ରିୟବ୍ରତ ସାହୁ, ପ୍ରଭାସ କୁମାର ସାହୁ, ସୁବ୍ରତ ଦାସ ଉପସ୍ଥିତ ଥିଲେ।

## ଯୁବକ ନିଖୋଜ ଅଭିଯୋଗ



ତାଳଚେର,୨୭ ।୨(ସମିସ): ରେମୁଆଁ ଅଞ୍ଚଳରେ ରହୁଥିବା ତାଳଚେର ଟାଉନ୍ ସିଂହସାହି ବାସିନ୍ଦା ସୁରେଶ କୁମାର ମିଶ୍ର ଓ ସୁସ୍ମିତା ମିଶ୍ରଙ୍କ ପୁଅ ସୂରଜ କୁମାର ମିଶ୍ର ଗତ ୪ ଦିନ ହେବ ନିଖୋଜ ଥିବା ପରିବାର ପକ୍ଷରୁ ତାଳଚେର ଥାନାରେ ଅଭିଯୋଗ ହୋଇଛି। ସୂରଜ ତାଳଚେର ସାପ୍ତାହିକ ହାଟରେ ଥିବା ଆରଏମ୍‌ସି ରେୱେଟ୍ ମିଟର କଣ୍ଟାଠାରେ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିଲେ। ଗତ ୨୪ ତାରିଖ ସନ୍ଧ୍ୟା ୭ଟାରେ ଜଣେ ସାଙ୍ଗ ପାଖକୁ ଯାଉଛି କହି ସେ ବାପାଙ୍କ ବାଇକ୍ ଧରି ବାହାରି ଯାଇଥିଲେ। ତେବେ ଦୀର୍ଘସମୟପର୍ଯ୍ୟନ୍ତ ସେ ନ ଫେରିବାରୁ ରାତି ୮ଟା ୪୫ରେ ପରିବାର ଲୋକେ ତାଙ୍କୁ ଫୋନ କରିଥିଲେ। ତେବେ ଫୋନ୍ ସୁଇଚ୍‌ଅଫ ଥିଲା। ଏ ନେଇ ପରିବାର ପକ୍ଷରୁ ୨୫ ତାରିଖ ସନ୍ଧ୍ୟାରେ ଥାନାରେ ଏତଲା ଦିଆଯାଇଛି।

## ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର



ପାଲଲହଡ଼ା,୨୭ ।୨(ସମିସ): ବିଧାୟକ ଅଶୋକ ମହାନ୍ତି ଗୁରୁବାର ନମପସି ପଞ୍ଚାୟତ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଉଦଘାଟନ କରିବା ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଛେଳିଆବେଡ଼ା ହାଟପଦାରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ସାପ୍ତାହିକ ହାଟ ଉନ୍ନତୀକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିକଶିତ ଗାଁ ବିକଶିତ ଓଡ଼ିଶା ପାଣ୍ଠିରୁ ନଗୁଡ଼ା ଗ୍ରାମରେ ୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କଂକ୍ରିଟ ରାସ୍ତାର ଉଦଘାଟନ କରାଯାଇଛି। ସେହିପରି ବିକଶିତ ଗାଁ ବିକଶିତ ଓଡ଼ିଶା ପାଣ୍ଠିରୁ ୩ ଲକ୍ଷ ୮୩ ହଜାର ଟଙ୍କା ବ୍ୟୟରେ ଯମରା ଗ୍ରାମରେ ନିର୍ମିତ କଂକ୍ରିଟ ରାସ୍ତା ଉଦ୍‌ଘାଟନ ଓ ଝାରବେଡ଼ା ପଞ୍ଚାୟତ କଣ୍ଟାନାଳି ଗ୍ରାମରେ ବିକଶିତ ଗାଁ ବିକଶିତ ଓଡ଼ିଶା ପାଣ୍ଠିରୁ ୫ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଗୋଷ୍ଠୀକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ବିଧାୟକ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ, ବିଜେପି ପାଲଲହଡ଼ା ମଣ୍ଡଳ ସଭାପତି ଆଶିଷ ସାମଲ, ବରିଷ୍ଠ ଆଇନଜୀବୀ ତନ୍ମୟ ସାହୁ, ପଞ୍ଚାନନ ସାହୁ, ଲିଙ୍ଗରାଜ ଦାସଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ହାଇୱା ଧକ୍କାରେ ଯୁବକ ମୃତ

ବଅଁରପାଳ,୨୭ ।୨(ସମିସ): ୫୫ ନମ୍ବର ଜାତୀୟ ରାଜପଥର ବଅଁରପାଳ କଲେଜ ଛକରେ ହାଇୱା ଧକ୍କାରେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବଅଁରପାଳ ଥାନା ଶାଳଗଡ଼ିଆ ଗ୍ରାମର ପାଣ୍ଡବ ଖିଲାର (୪୫)। ଶୁକ୍ରବାର ଅପରାହ୍ନ ୫ଟାରେ ପାଣ୍ଡବ ବାଇକ୍ ଯୋଗେ ସନ୍ଧି ଛକକୁ ଯାଉଥିବା ବେଳେ ହାଇୱା ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପାଣ୍ଡବଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଥିଲେ। ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ସ୍ଥିତି ଶାନ୍ତ ପଡ଼ିଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଡାକ୍ତରଖାନା ପଠାଇଛି। ଦୁର୍ଘଟଣାଗ୍ରସ୍ତ ବାଇକ ଜବତ ତଦନ୍ତ ଆରମ୍ଭ କରିଛି।

## ● ଧଉରାପାଲ୍ଲୀ ଶତବାର୍ଷିକୀ ଦୋଳଯାତ୍ରାର ଦ୍ୱିତୀୟ ସନ୍ଧ୍ୟା

# 'ଦୋଳ ପୂର୍ଣ୍ଣିମା ଓଡ଼ିଆ ସଂସ୍କୃତି ଓ ଏକତାର ବାର୍ତ୍ତାବହ'

କିଶୋରନଗର,୨୭ ।୨(ସମିସ):



କିଶୋରନଗର ବ୍ଲକ ଧଉରାପାଲ୍ଲୀ ଗ୍ରାମରେ ଚଳିତବର୍ଷ ଦୋଳଯାତ୍ରାର ଶତବାର୍ଷିକୀ ପାଳନ କରାଯାଉଛି। ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଗାଁର ବିକାଶକୁ ତ୍ୱରାନ୍ୱିତ କରିବାକୁ କହିଥିଲେ। ଦୋଳ ପୂର୍ଣ୍ଣିମା ଓଡ଼ିଆ ସଂସ୍କୃତି ଓ ଏକତାର ବାର୍ତ୍ତାବହ। ପ୍ରଭୁ ଶ୍ରୀକୃଷ୍ଣ ଓ ମା' ରାଧାଙ୍କ ଏହି ଦିବ୍ୟମିଳନ ପ୍ରେମ ଓ ଭକ୍ତି ହିଁ ଜୀବନର ଶ୍ରେଷ୍ଠ ପୁଞ୍ଜି ବୋଲି ବାର୍ତ୍ତା ଦେଇଥାଏ। ଧଉରାପାଲି ଗ୍ରାମ ସହ ମୋର ସମ୍ପର୍କ ଅତି ନିବିଡ଼ ଓ ଦୀର୍ଘ ସମୟର। ମୋ ପାଇଁ ଧଉରାପାଲି କେବଳ ଏକ ଭୌଗୋଳିକ ଅବସ୍ଥିତି ନୁହେଁ, ବରଂ ଏହା ଓଡ଼ିଆ ଜନଜୀବନର ନିଛକ ସାଂସ୍କୃତିକ ମହାସ୍ରୋତ। ଧଉରାପାଲି ଦୋଳଯାତ୍ରା ୧୦୦ ବର୍ଷ ପୂରଣ କରିବା ସାଧାରଣ ଘଟଣା ନୁହେଁ, ବରଂ ଏହା ଏକ ଐତିହାସିକ ଉପଲବ୍ଧ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଡିଗ୍ରୀ କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆୟୋଜକ କମିଟି ସମ୍ପାଦକ ଡ. ପ୍ରଭୁଦତ୍ତ ହୋତା ଦୋଳଯାତ୍ରା ସମ୍ପର୍କିତ ବିବରଣୀ ପାଠ କରିଥିଲେ। ସମାଜସେବୀ ମନୀଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମେ କେନ୍ଦ୍ରମନ୍ତ୍ରୀ ଗ୍ରାମର ରାଧାକୃଷ୍ଣ ମନ୍ଦିର ଓ ରାମମନ୍ଦିର ଯାଇ ଠାକୁରଙ୍କ ଦର୍ଶନ କରିଥିଲେ। ସଭା ପରେ କଳାହାଣ୍ଡିର କଟାପା ଦଳ କଳା ପ୍ରଦର୍ଶନ କରିଥିଲେ।

